ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Works(Od)/191/13-03-2025**

## ଚଣ୍ଡିଖୋଲ ଜଙ୍କସନ୍‌ର ଉନ୍ନତିକରଣ ଉପରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମୀକ୍ଷା

- ଜାତୀୟ ରାଜପଥକୁ ସ୍ପର୍ଶ କରୁଥିବା ବାଇପାସ୍ ରାସ୍ତାକୁ ୪ ଲେନ୍ କରିବା ଉପରେ ଗୁରୁତ୍ୱ
- ନିର୍ମାଣ ହେବ ନୂଆ ଭେଇକିଲ୍ ଅଣ୍ଡରପାସ୍
- ବସ୍ ରହଣିସ୍ଥଳ ଓ ର୍ୟାମ୍ପ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ

ଭୁବନେଶ୍ୱର ୧୩/୦୩/୨୦୨୫

ଗମନାଗମନ ଏବଂ ପରିବହନ ଦୃଷ୍ଟିରୁ ବର୍ତ୍ତମାନ ଯାଜପୁର ଏବଂ ଚଣ୍ଡିଖୋଲ ଅଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥାର ସୁଦୃଢ଼ିକରଣ ପାଇଁ ଆଜି ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଆମେ ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ରଖିଥିବାବେଳେ ଏଥି ଲାଗି ଆବଶ୍ୟକ ରାସ୍ତାଘାଟ ଏବଂ ଟ୍ରାଫିକ୍ ସମସ୍ୟାକୁ ସୁଧାରିବାକୁ ପଡ଼ିବ । ଖରାପ ରାସ୍ତା ଏବଂ ଟ୍ରାଫିକ ଯୋଗୁଁ ସମୟ ଅପଚୟ ସହ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟଣା ସାମ୍ନାକୁ ଆସୁଛି । ଖଣିଜ ସମ୍ପଦ ପରିବହନ ଏବଂ ଗମନାଗମନ ଦୃଷ୍ଟିରୁ ଚଣ୍ଡିଖୋଲ ଅଞ୍ଚଳର ବେଶ ଗୁରୁତ୍ୱ ରହିଛି । ତେଣୁ ଏହି ଜଙ୍କସନ୍‌ର ଉନ୍ନତିକରଣ ଏବଂ ପାରିପାର୍ଶ୍ୱିକ ବିକାଶ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପୂର୍ତ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଭୁବନେଶ୍ୱର-ଭଦ୍ରକ ଜାତୀୟ ରାଜପଥ ୧୬ ଏବଂ ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ୫୩ ସଂଯୋଗ ସ୍ଥଳ ଚଣ୍ଡିଖୋଲ ଜଙ୍କସନ୍‌ର ଉନ୍ନତିକରଣ ଓ ପାରିପାର୍ଶ୍ୱିକ ବିକାଶ ସହ ଚତୁପାର୍ଶ୍ୱରେ ଥିବା ବାଇପାସ୍ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ଆଲୋଚନା ହୋଇଥିଲା । ଏଥି ସହ ଯାତ୍ରୀମାନଙ୍କ ସୁବିଧା ପାଇଁ ୪ଟି ବସ୍ ରହଣି ସ୍ଥଳ, ୩ଟି ଭେଇକିଲ୍ ଅଣ୍ଡରପାସ୍, ର୍ୟାମ୍ପ ଓଭରବ୍ରିଜ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ଏଥିସହ ଏହି ଅଞ୍ଚଳରେ ସଡ଼କ ସୁରକ୍ଷା, ଡ୍ରେନେଜ୍ ବ୍ୟବସ୍ଥା, ଜବରଦଖଲ ଉଚ୍ଛେଦ ଏବଂ ରାସ୍ତା ସମ୍ପ୍ରସାରଣ ନେଇ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା ।

ବୈଠକରେ ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ଲୋକସମ୍ପର୍କ ଅଧିକାରୀ